## ବ୍ୟବସାୟୀଙ୍କୁ ଆକ୍ରମଣ

**ଭଦ୍ରକ ଅଫିସ:** ଭଦ୍ରକ ସହର ନରିପୁର ଅସ୍ଥଳ ଗ୍ରାମର ସିଦ୍ଧାର୍ଥ ମହାନ୍ତି ନାମକ ଜଣେ ଯୁବ ବ୍ୟବସାୟୀଙ୍କୁ ଛତାବର ଫ୍ଲାଏଓଭର ବ୍ରିଜ୍ ଉପରେ ଆକ୍ରମଣ କରାଯାଇଥିବା ଗୁରୁବାର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସିଦ୍ଧାର୍ଥ ବୁଧବାର ସନ୍ଧ୍ୟାରେ ଭଦ୍ରକରୁ ଭୁବନେଶ୍ୱରକୁ ନିଜ କାର୍‌ରେ ଯାଉଥିଲେ। ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଧାମନଗର ଛକରୁ ପିଛା କରି ନିଛାଟିଆ ଦେଖି ଛତାବର ଫ୍ଲାଏଓଭରରେ କାର୍ ପଛପଟୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫଳରେ କାର୍‌ର ପଛକାଚ ଭାଙ୍ଗିଯାଇଛି। ପୂର୍ବଶତ୍ରୁତା କାରଣରୁ ତାଙ୍କୁ ଆକ୍ରମଣ କରାଯାଇ ଥାଇପାରେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି।

**ସଂକ୍ଷେପରେ**

## ଗୋଆରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ବାଲିଆପାଳ, ୧୮।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରୁ ଦାଦନ ଖଟିବାକୁ ଯାଇଥିବା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗତ କିଛିଦିନ ପୂର୍ବେ ତାମିଲନାଡୁର ଏକ ସୂତାକଳରେ ଅଗ୍ନିକାଣ୍ଡ ଘଟି ୩ ଦାଦନ



ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ବୁଧବାର ରାତିରେ ଗୋଆରୁ ଏକ ହୋଟେଲରୁ କାର୍ଯ୍ୟରତ ଓଡ଼ିଆ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବାଲିଆପାଳ ଥାନା କୁଦମାନସିଂ ଗ୍ରାମର ଅଭିରାମ ପାତ୍ର (୨୩)।

ସେ ବୁଧବାର ସନ୍ଧ୍ୟାରେ ଫୋନ୍‌ରେ ମା'ବାପାଙ୍କ ସହିତ ଖୁସିରେ କଥାବାର୍ତ୍ତା ହୋଇଥିଲେ। ରାତିରେ ଫାଶୀ ଦେଇ ଆତ୍ମହତ୍ୟା କରିବା ଘଟଣାକୁ ପରିବାର ଲୋକେ ଗ୍ରହଣ କରିପାରୁ ନାହାନ୍ତି। ଏକମାତ୍ର ପୁଅକୁ ବୃଦ୍ଧ ମା'ବାପା ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅଭିରାମଙ୍କ ମୃତଦେହ ଶୁକ୍ରବାର ନିଜ ଗାଁରେ ପହଞ୍ଚିବ ବୋଲି ସୂଚନା ମିଳିଛି।

# ବେଧଡ଼କ ଚାଲିଛି ଗୋଚାଲାଣ

## ୧ ଗୋରୁ ମୃତ, ୨୭ ଉଦ୍ଧାର

**କେନ୍ଦୁଝର, ୧୮।୨ (ସ୍ୱ.ପ୍ର.)**

ବ୍ୟାପକ ଧରପଗଡ ସତ୍ତ୍ୱେ କେନ୍ଦୁଝର ଜିଲା ଦେଇ ବାହାର ରାଜ୍ୟ ଓ ଦେଶକୁ ଗୋଚାଲାଣ ବନ୍ଦ ହେଉ ନ ଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଆଦୌ ଦୃଢ ପଦକ୍ଷେପ ନିଆଯାଉ ନ ଥିବାରୁ ଗୋ-ବେପାରୀ ମାନେ ବିଭିନ୍ନ ଉପାୟରେ ପଶୁ ନିର୍ଯାତନା ଆଇନକୁ ଖୋଲା ଖୋଲି ଉଲଘଂନ କରି ଗୋ ଚାଲାଣ କରୁଛନ୍ତି। କେତେବେଳେ ରାସ୍ତାରେ ଚଲାଇ ଚଲାଇ ତ କେତେବେଳେ କଣ୍ଟେନର ଟ୍ରକ ଆଦିରେ ଲୋଡ କରି ଚାଲାଣ କରୁଛନ୍ତି। ଫଳରେ ଏହାକୁ ନେଇ ଘୋର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଥିବା ବେଳେ ଏବେ ଗୋ ରକ୍ଷା ପାଇଁ ସାଧାରଣ ଲୋକ ରାସ୍ତା କୁ ଓହ୍ଲାଇବାକୁ ବାଧ ହୋଇଛନ୍ତି ।

ଗୁରୁବାର କାଞ୍ଜିପାଣି ଥାନା ଅନ୍ତର୍ଗତ କାଞ୍ଜିପାଣି ଘାଟିରେ ଏକ ଗୋରୁ ବୋଝେଇ ଟ୍ରକକୁ ବଜରଙ୍ଗ



ଗୋରୁ ବୋଝେଇ ଗାଡ଼ିକୁ ଅଟକ ରଖାଯାଇଛି।

ଦଳ ତଥା ଗୋ ରକ୍ଷା ସାମାଜିକ କର୍ମୀ ମାନେ ଧରିଛନ୍ତି। ଦୟନୀୟ ଅବସ୍ଥାରେ ସମ୍ବଲପୁର ଆଡୁ ପଶ୍ଚିମବଙ୍ଗ ଅଭିମୁଖେ ଏନ୍‌ଏଚ୍ ୪୯ ରେ ଯାଉଥିବା ପଶ୍ଚିମବଙ୍ଗ ନମ୍ବର ଥିବା ଟ୍ରକରେ ୨୮ ଟି ଗୋରୁକୁ ନିର୍ଦ୍ଦୟ ଭାବରେ ଲୋଡ କରି ନେଉଥିବା ବେଳେ ଅଟକାଇଥିଲେ । ସେଥିରୁ ଗୋଟିଏ ଗୋରୁ ମୃତ୍ୟୁବରଣ କରିଥିଲା। ସରୋଜ କୁମାର ନାୟକ, ପ୍ରକାଶ ମଲ୍ଲିକ, ସଞ୍ଜୟ ମହାନ୍ତି, କିରଣବାଳା ନାୟକ, ରଞ୍ଜିତ ବାରିକଙ୍କ ସମେତ ଅନ୍ୟ ଗୋ-ରକ୍ଷକମାନେ ଗୋରୁଙ୍କୁ ଉଦ୍ଧାର କରି ସେମାନଙ୍କୁ ଖାଦ୍ୟ ପାନୀୟ ଦେବା ସହ ସେବାଶୁଶ୍ରୂଷା କରିବା ସହ ପୋଲିସ କୁ ଜଣାଇଥିଲେ। ପୂର୍ବରୁ ଏଭଳି ବେଆଇନ ଗୋରୁ ବୋଝେଇ କଣ୍ଟେନର, ଟ୍ରକ, ପିକଅପ ଭ୍ୟାନ ଜବତ ହୋଇଥିବା ବେଳେ ଦୁର୍ଘଟଣାରେ ଗୋରୁଗାଇ ମୃତ୍ୟୁ ଭଳି ଘଟଣା ଘଟିଥିବାରୁ ବଜରଙ୍ଗ ଦଳ, ଗୋ ରକ୍ଷକ ମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତି କରି ଆସୁଛନ୍ତି । ଏଣୁ ଏହାକୁ ରୋକା ନ ଗଲେ ଆଗାମୀ ଦିନରେ କେନ୍ଦୁଝର ବାସୀ ତଥା ହିନ୍ଦୁ ସମାଜ ଏନେଇ ସମବେତ ବିରୋଧ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି ।

## କଟିନନାଙ୍କ ଭୋଜନାଳୟ



ଭୋଜନାଳୟରେ କଟିନନା ଓ ତାଙ୍କ ସ୍ତ୍ରୀ ସୁଲୋଚନା।

**ପ୍ରଦୀପ ଦାସ**
**ଭୋଗରାଇ, ୧୮।୨**

ବାଲେଶ୍ୱର ଜିଲା ଭୋଗରାଇ ଥାନା ସମ୍ମୁଖରେ ରହିଛି ଭୋଜନାଳୟ। ଅନ୍ୟ ହୋଟେଲ ଭଳି ଏହି ଭୋଜନାଳୟରେ ଚାକଚକ୍ୟ ନାହିଁ। କେବଳ ଆଜବେଷ୍ଟସ ଛପର ଘର ରହିଛି। ଏହାରି ଭିତରେ ପରିଷ୍କାର, ପରିଚ୍ଛନ୍ନତା ଓ ଭିନ୍ନ ସ୍ୱାଦର ଖାଦ୍ୟ ଗ୍ରାହକଙ୍କ ଲାଗି ଆକର୍ଷଣ ହୋଇଛି। ଭୋଜନାଳୟର ମାଲିକ କଟି ନନାଙ୍କ ହାତ ରନ୍ଧା ଖାଦ୍ୟ ଖାଇବା ଲାଗି ପ୍ରତିଦିନ ଗ୍ରାହକଙ୍କ ଭିଡ଼ ଲାଗୁଛି।

ନନାଙ୍କ ପୂରା ନାମ ମାନସ କୁମାର ଦାଶ (୩୫)। ତାଙ୍କୁ ଶ୍ରଦ୍ଧାରେ ଲୋକେ କଟିନନା ଡାକନ୍ତି। ଘର ଦେହୁର୍ଦ୍ଧା ଗ୍ରାମରେ। ପିଲା ବେଳେ ଭଲ ପାଠପଢ଼ି ଆଗକୁ ବଢ଼ିବାର ସ୍ୱପ୍ନ ଥିଲା। ହେଲେ ଆର୍ଥିକ ଅନାଟନ ଯୋଗୁ ମାଟ୍ରିକ ପରଠାରୁ ପାଠପଢ଼ାରେ ଡୋରି ବାନ୍ଧିବାକୁ ପଡ଼ିଥିଲା। ମା'ବାପା କରିଥିବା ଭୋଜନାଳୟରେ ସେ ନିଜକୁ ନିୟୋଜିତ କରି ପରିବାର ପ୍ରତିପୋଷଣ ପାଇଁ ଅଣ୍ଟା ଭିଡ଼ିଥିଲେ। ସମସ୍ତେ ମିଳିମିଶି ରୋଜଗାର କରିବାରୁ ପରିବାର ଆର୍ଥିକ ସ୍ୱଚ୍ଛଳ ହୋଇ ଆସୁଥିବା ବେଳେ ବାପାଙ୍କ ଦେହାନ୍ତ ହୋଇଯାଇଥିଲା। ପରିବାର ଉପରେ ସତେଯେପରି ଚଡ଼କ ପଡ଼ିଥିଲା। ସେ ତାଙ୍କ ପରିବାର ସହ ଅଲଗା ରହି ପରିବାର ପ୍ରତିପୋଷଣ ପାଇଁ ଏକ ଭୋଜନାଳୟ କରି ସ୍ୱାବଲମ୍ବୀ ହେବାକୁ ମନ ବଳାଇଲେ। ଲୋକଙ୍କଠାରୁ ଧାରଉଧାର କରି ଏକ ଭୋଜନାଳୟ କଲେ। ଏହି ଭୋଜନାଳୟରେ ସ୍ତ୍ରୀ ସୁଲୋଚନା ତାଙ୍କୁ ସହଯୋଗ କରିବା ପାଇଁ ସାହସ ଦେଇଥିଲେ। ମନରେ ଦୃଢ଼ ଆତ୍ମବିଶ୍ୱାସ ରଖି ରୋଷେଇ କାର୍ଯ୍ୟକୁ ଭିନ୍ନ ସ୍ୱାଦର କରିବା ନିମନ୍ତେ ସେ ଉଦ୍ୟମ କରିଆସୁଛନ୍ତି। ନିଜ ସ୍ତ୍ରୀଙ୍କ ସହିତ ରୋଜଗାରକ୍ଷମ ହୋଇ ସ୍ୱାବଲମ୍ବୀ ହେବା ତାଙ୍କ ସଫଳତାକୁ ବାଟ ଫିଟାଇଛି। ପ୍ରତ୍ୟେକ ମିଲ୍ ୫୦ଟଙ୍କାରେ ବିକ୍ରି ହେଉଛି। ଭାତ, ଡାଲି, ମାଛଝୋଳ ଓ ଖଟା ସହିତ ୫ ପ୍ରକାର ତରକାରୀ ଖାଉଟିଙ୍କୁ ତୃପ୍ତି ଦେଉଛି। ଦୈନିକ ହାରାହାରି ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ହେଉଥିବା ସେ କହିଛନ୍ତି। କରୋନା କାଳରେ ତାଙ୍କ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଥିବା ବେଳେ ଏବେ ସ୍ଥିତିରେ ସୁଧାର ଆସୁଛି। ଆଗକୁ ବିବାହ, ଉତ୍ସବ ହେଲେ ଭଲ ରୋଜଗାର ହେବାକୁ ସେ ଆଶା ରଖିଛନ୍ତି। ସେ କୁହନ୍ତି ଜୀବନ ଜିଇବାର ସଂଘର୍ଷ ମଧ୍ୟରେ ବଞ୍ଚିବାର ଭିନ୍ନ ଆନନ୍ଦ ରହିଛି। ଏଥିପାଇଁ ସେ ଝିଅପୁଅଙ୍କୁ ପାଠ ପଢ଼ାଇବା ସହିତ ପରିବାର, ଆତ୍ମୀୟସ୍ୱଜନଙ୍କ ପାଖରେ ଛିଡ଼ା ହେବାକୁ ଅଣ୍ଟା ସଳଖୁଛନ୍ତି। କୌଣସି ଦୀନଦୁଃଖୀ ବା ଭୋକିଲା ଲୋକଙ୍କୁ ସେ ବିନା ମୂଲ୍ୟରେ ଖାଇବାକୁ ଦେଇଥାନ୍ତି।

## ଜାଲରେ ପଡ଼ିଲା ମୃତ ଡଲ୍‌ଫିନ



**ଭଦ୍ରକ ଅଫିସ,୧୮।୨:** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଦେଇ ବହି ଯାଇଥିବା ସାଳନ୍ଦୀ ନଦୀରେ ବୁଧବାର ସନ୍ଧ୍ୟାରେ ଜଣେ ମାଛଧରାଳିଙ୍କ ଜାଲରେ ଏକ ମୃତ ଡଲ୍‌ଫିନ ପଡ଼ିଛି। ଏହାର ଓଜନ ପ୍ରାୟ ୧ କୁଇଣ୍ଟାଲ ହେବ ବୋଲି ଅନୁମାନ କରାଯାଉଛି। ନଦୀ ତଟବର୍ତ୍ତୀ କୃତ୍ତିବାସପୁର ଗାଁର ଜଣେ ମାଛଧରାଳିଙ୍କ ଜାଲରେ ପଡ଼ିଥିଲା ଏହି ଡଲ୍‌ଫିନ। କୂଳକୁ ଅଣାଯିବା ପରେ ମୃତ ଡଲ୍‌ଫିନ ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀ ଆସି ମୃତ ଡଲ୍‌ଫିନକୁ ନେଇଯାଇଥିବା ଜଣାଯାଇଛି। ସୂଚନା ଥାଉକି, ସମୁଦ୍ର ଉପକୂଳବର୍ତ୍ତୀ ବୈତରଣୀ ଓ ସାଳନ୍ଦୀ ନଦୀକୁ ଡଲଫିନଗୁଡ଼ିକ ଚଳପ୍ରଚଳ କରୁଥିବା ବେଳେ ବିଭିନ୍ନ ସମୟରେ ମାଛଧରା ଜାଲରେ ପଡ଼ି ମୃତ୍ୟୁ ହେଉଥିବା ରେକର୍ଡ଼ ମଧ ରହିଛି।

# କୃଷକ ମୋର୍ଚ୍ଚା ପକ୍ଷରୁ ରେଳରୋକୋ

**ଭଦ୍ରକ ଅଫିସ, ୧୮।୨**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ରେଳରୋକୋ କରାଯାଇଛି। ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଚନ୍ଦ୍ରଶେଖର ନାୟକ, ନିରଞ୍ଜନ ପାଣି, ପ୍ରଭାସ ମହାପାତ୍ର, ରବି ନାୟକ, ପ୍ରହ୍ଲାଦ ପତି, ରାଧାନାଥ ଦାସ, ବିନୋଦ ସାହୁ, ନରହରି ବେହେରା, ଗୟାଧର ସାହୁ, ଶାନ୍ତିଲତା ନାୟକ, ତ୍ରିଲୋଚନ ପଣ୍ଡା, ସେକ୍ ସଂସୁଦ୍ଦିନ, ସେକ୍ ରାଜୁଙ୍କ ନେତୃତ୍ୱରେ ଶତାଧିକ କୃଷକ ଓ ଶ୍ରମିକ ଭଦ୍ରକ ଚରମ୍ପା ବଜାର ପରିକ୍ରମା କରି ରେଳ ଷ୍ଟେଶନକୁ ଯାଇ ଫାଲକନାମା ହାୱଡ଼ା, ଧଉଳି ଏକ୍ସପ୍ରେସକୁ ଅଟକ ରଖିଥିଲେ। ଫଳରେ ଭଦ୍ରକ ଷ୍ଟେଶନରେ ବହୁ ମାଲବାହୀ ଟ୍ରେନ୍ ଅଟକି ରହିଥିଲା। ମଧ୍ୟାହ୍ନରୁ ରେଳରୋକୋ ଆନ୍ଦୋଳନ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ନିରଞ୍ଜନ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି, କଳକାରଖାନା ଓ କୃଷି କ୍ଷେତ୍ରକୁ କର୍ପୋରେଟ୍ କମ୍ପାନୀକୁ ବିକ୍ରି କରିବାକୁ ଆଇନ ଆଣିଥିବା କହି ଏହାର ପ୍ରତିବାଦ କରିବା ଲାଗି ଆହ୍ୱାନ ଦିଆଯାଇଥିଲା। ଅନୁରୂପ ଭାବେ ଧାମରା ରେଳଲାଇନରେ କୃଷକ ନେତା ମଳୟ ଭୋଇ, ବିକାଶ ନାଥ, ବ୍ରହ୍ମାନନ୍ଦ ପରିଡ଼ା, ଆଲୁଆ ଜେନା, ସୂର୍ଯ୍ୟକାନ୍ତ ଦାସଙ୍କ ନେତୃତ୍ୱରେ ଶତାଧିକ କୃଷକ ରେଳରୋକୋ କରିଥିଲେ।



ଭଦ୍ରକ ଷ୍ଟେଶନରେ ଆନ୍ଦୋଳନକାରୀ।

## ଦୁର୍ଘଟଣା ପ୍ରତିବାଦରେ ଧାରଣା

**ଚିତ୍ରଡ଼ା,୧୮।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାରିପଦା-ଅମର୍ଦ୍ଦା ୬୧ନଂ. ରାଜ୍ୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ବଢ଼ି ଚାଲିଛି। ଗୁରୁବାର ପୂର୍ବାହ୍ନ ୧୦ଟା ସମୟରେ ଜଣେ ମଦ୍ୟପ ଟ୍ରକ ଚାଳକ ୩ଟି ଦୁର୍ଘଟଣା ଘଟାଇଥିଲେ। ଏଥିରେ ୩ ଜଣ ଗୁରୁତର ହୋଇଥିବା ବେଳେ ଦୁଇଟି ଯାତ୍ରୀବାହୀ ଅଟୋ ଏବଂ ଗୋଟିଏ ଡାଲା ଅଟୋ ଭାଙ୍ଗିରୁଜି ଯାଇଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଟ୍ରକ୍ ଭଙ୍ଗାରୁଜା କରିବା ସହ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ। ମୋରଡ଼ା ବିଧାୟକ ରାଜ କିଶୋର ଦାସ ଏବଂ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ମହାନ୍ତ ଧାରଣାରେ ସାମିଲ ହୋଇଥିଲେ। ଜିଲାପାଳ, ଏସ୍‌ପି ଓ ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କ ସହ ବିଧାୟକ ଦାସ ଆଲୋଚନା କରିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ରେଡକ୍ରସ୍ ପାଣ୍ଠିରୁ ଆହତମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସେହି ସ୍ଥାନରେ ଟ୍ରାଫିକ୍ ପୋଲିସ ନିୟୋଜିତ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜଙ୍ଗଲରୁ ୨ ନାବାଳକ ଉଦ୍ଧାର

**ସଜନାଗଡ଼, ୧୮।୨(ଡି.ଏନ.ଏ.)**

ଦୁଇ ନାବାଳକଙ୍କୁ ୪ଜଣ ଯୁବକ ଅପହରଣ ପାଇଁ ଉଦ୍ୟମ କରୁଥିବା ବେଳେ ଗୁରୁବାର ବରହମପୁର ପୋଲିସ ପହଞ୍ଚି ଜଙ୍ଗଲ ମଧ୍ୟରୁ ୨ ନାବାଳକଙ୍କୁ ଉଦ୍ଧାର କରିଛି ।

ନୀଳଗିରି ଥାନା ଅଧୀନ କେଶୁରା ଗ୍ରାମର ୨ଜଣ ନାବାଳକ ସାଇକେଲରେ ନିଜର ଭଉଣୀ ଘର ଆରବନ୍ଧକୁ ଯାଉଥିବା ବେଳେ ନରଣପୁର ନିକଟ ଅଁଳାପାଳ ଜଙ୍ଗଲ ମଧ୍ୟରେ ୪ଜଣ ଯୁବକ ସେମାନଙ୍କୁ ଅଟକାଇ ଛୁରୀ ଦେଖାଇ ଅପହରଣ ଉଦ୍ୟମ କରୁଥିଲେ। ଦୁଇ ନାବାଳକ ଅତି ଚତୁରତାର ସହ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଜଣେ ନାବାଳକଙ୍କ ପାଖରେ ମୋବାଇଲ ଥିବାରୁ ସେ ପରିବାର ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ବରହମପୁର ଥାନାକୁ ଜଣାଇଥିଲେ। ବରହମପୁର ଥାନା ଏଏସ୍‌ଆଇ ପ୍ରକାଶ ଗୋସ୍ୱାମୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ୍ ଗାଡ଼ିର ସାଇରନ୍ ଶୁଣି ଉକ୍ତ ୪ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ୨ଜଣ ନାବାଳକଙ୍କୁ ପୋଲିସ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ସାରସକଣା,୧୮।୨:** ମୟୂରଭଞ୍ଜ ଜିଲା ତିଳଉ ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ସେ ହେଲେ କାରିଆ ବାସ୍କେ(୩୨)। ଘର ଛାଉଣୀ କରୁଥିବା ସମୟରେ କାରିଆ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝାରପୋଖରିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପିଲା ଚୋରି ସନ୍ଦେହରେ ଛେଚିଲେ ଗ୍ରାମବାସୀ

**ବାଲେଶ୍ୱର ଅଫିସ,୧୮।୨**

**ପୋଲିସ ଦ୍ୱାରା ୧୨ ସନ୍ଦିଗ୍ଧ ଅଟକ**

ରାଜ୍ୟ ବାହାରୁ ଆସୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନେ ବାଲେଶ୍ୱର ଜିଲାରେ ବିଭିନ୍ନ ସାମଗ୍ରୀ ବିକ୍ରି ଆଳରେ ଗାଁ ଗାଁ ବୁଲୁଛନ୍ତି। ସେମାନେ ସମୟ ସୁବିଧା ଦେଖି ଚୋରି କରିବା ସହ ବିଭିନ୍ନ ଅପରାଧ ଘଟାଇ ଅଞ୍ଚଳ ଛାଡ଼ି ଚାଲିଯାଉଛନ୍ତି। ଏପରିକି ଜିଲାରେ ପ୍ରତିରକ୍ଷା ବିଭାଗର ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ ଏବଂ ସମନ୍ୱିତ ପରୀକ୍ଷଣ କେନ୍ଦ୍ର ଥିବାରୁ ଅଧିକ ବିପଦ ଆଶଙ୍କା ରହିଛି। ଗୁରୁବାର ଚାନ୍ଦିପୁର ଥାନା ପାତ୍ରପଡ଼ା ଛକ ଆଇନା ପୋଖରୀ ନିକଟରେ ୪ ସନ୍ଦିଗ୍ଧ ଯୁବକ ପୋଖରୀ ଆଡ଼ିରେ ଖେଳୁଥିବା ପିଲାମାନଙ୍କୁ ଗୋଡ଼ାଇ ଧରିବାକୁ ଚେଷ୍ଟା କରୁଥିଲେ। ପିଲାମାନେ ଭୟରେ ଘରକୁ ପଳାଇ ପରିବାର ଲୋକଙ୍କୁ କହିବା ପରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ଅଟକ ରଖି ନିର୍ଘୁମ ଛେଚିଥିଲେ। ପରେ ଟାଉନ ଥାନାକୁ ଖବର ଦେଇଥିଲେ। ଟାଉନ ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରିବା ସହ ଏହା ଚାନ୍ଦିପୁର ଅଞ୍ଚଳରେ ହୋଇଥିବାରୁ ଚାନ୍ଦିପୁର ଥାନାକୁ ହସ୍ତାନ୍ତର କରିଛି।

ଉକ୍ତ ଯୁବକମାନେ ମୁର୍ଶିଦାବାଦ ସହରର। ୨୦ରୁ ୨୫ଦିନ ପୂର୍ବରୁ ୧୨ ଯୁବକ ବାଲେଶ୍ୱର ଆସି ସହରର କଚେରୀ ନିକଟସ୍ଥ ଏକ ଘରୋଇ ଲଜ୍‌ରେ ରହୁଥିଲେ। ସେମାନେ ମାଛ ତେଲ, ମାଛ କଣ୍ଟାରେ ତିଆରି ତାବିଜ ବିକ୍ରି କରିବା ସହ କୁମ୍ଭଟୁଆ ଓ ଢ଼ାଉକ ପକ୍ଷୀ ଶିକାର କରୁଥିଲେ। ଅଟକ ୪ ଯୁବକ ଉକ୍ତ ଲଜ୍‌ରେ ରହୁଥିବା ଠିକଣା ଦେବା ପରେ ଟାଉନ୍ ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ ଲଜ୍‌ରେ ଚଢ଼ାଉ କରିଥିଲେ। ଲଜ୍‌ରୁ ଅନ୍ୟ ୮ ଯୁବକଙ୍କୁ ଥାନାରେ ଅଟକ ରଖିବା ସହ ସେମାନଙ୍କଠାରୁ ଶଙ୍କୁଚ ମାଛ ତେଲ, ମାଛ କଣ୍ଟା, କିଛି ତାବିଜ, ଜୀବନ୍ତ କୁମ୍ଭାଟୁଆ ଓ ଢ଼ାହୁକ ପକ୍ଷୀ ଉଦ୍ଧାର କରିଛନ୍ତି।

# ଦେଢ଼ବର୍ଷ ହେଲା ବସିନି ସମିତି ବୈଠକ

**ପାଟଣା,୧୮।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକର ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବା ନିର୍ବାଚିତ ଲୋକପ୍ରତିନିଧିମାନେ ଅଭିଯୋଗ କରୁଛନ୍ତି। ପ୍ରତି ୨ ମାସ ଅନ୍ତରାଳରେ ସମିତି ବୈଠକ ଡକାଯିବାର ବ୍ୟବସ୍ଥା ଥିଲେ ହେଁ ୨୦୧୯ ଅଗଷ୍ଟ ମାସରୁ ବୈଠକ ବସିନାହିଁ। ଫଳରେ ୨୦ଟି ପଞ୍ଚାୟତର ନିର୍ବାଚିତ ସମିତି ସଭ୍ୟମାନେ ପଞ୍ଚାୟତର ତୃଣମୂଳସ୍ତରର ସମସ୍ୟା ଗୁଡ଼ିକୁ ପ୍ରକୃଷ୍ଟ ଫୋରମରେ ଉତ୍‌ଥାପନ କରିବାରୁ ବଞ୍ଚିତ ହେଉଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତସ୍ତରରୁ ଗୃହୀତ ହୋଇଥିବା ପ୍ରକଳ୍ପ ଖସଡ଼ା ଗୁଡିକ(ଆକ୍ସନପ୍ଲାନ) ପଞ୍ଚାୟତ ସମିତି ବୈଠକରେ ଅନୁମୋଦିତ ହୋଇ ଜିଲାପରିଷଦ ଯିବାର ବ୍ୟବସ୍ଥା ରହିଛି। କିନ୍ତୁ ବିଗତ ୧୯ ମାସ ମଧ୍ୟରେ ସାହାରପଡ଼ା ବ୍ଲକରେ ଯେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି ସେସବୁ ପଞ୍ଚାୟତ ସମିତିର ବିନା ଅନୁମୋଦନରେ ହୋଇଛି। କିଭଳି କାର୍ଯ୍ୟାଦେଶ କିପରି ଦିଆଯାଇଛି ତାର ବୈଧତା ଉପରେ ସମିତି ସଭ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ଗତ ୧୯ ମାସ ମଧ୍ୟରେ ୯ ଥର ବୈଠକ ବସିବାର ଥିଲେ ହେଁ ଥରୁଟିଏ ବୈଠକ ବସିନାହିଁ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବଡ଼ବିଲ ସମିତି ସଭ୍ୟ ରବୀନ୍ଦ୍ର ନାଏକ , କପୁଣ୍ଡି ସମିତି ସଭ୍ୟ ମହେଶ୍ୱର ପୃଷ୍ଟି ଓ ଶୁଶୀଲ କୁମାର ମାଝୀ ପ୍ରମୁଖ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ରଜମଉଜ, ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ ଉତ୍ସବ

**ରାଇବଣିଆ, ୧୮।୨**

ଗ୍ରାମାଞ୍ଚଳରେ ଲୁକ୍କାୟିତ କୁନି ପ୍ରତିଭାଧାରୀମାନଙ୍କୁ ବିକଶିତ କରି ଆସୁଥିବା ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଦକ୍ଷିଣ ପ୍ରହରାଜପୁରଠାରେ ସୁପ୍ରୀତମ୍ କଳାକେନ୍ଦ୍ର ପକ୍ଷରୁ ୧୦ମ ରଜ ମଉଜ ଓ ଗୁରୁ ପ୍ରଫୁଲ୍ଲ ବେହେରା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ କୋଭିଡ୍ କଟକଣା ଯୋଗୁ ୨୦୨୦ରେ ରଜମଉଜ ଉତ୍ସବ ଅନୁଷ୍ଠିତ ହୋଇପାରି ନ ଥିଲା। ଗତ ସୋମବାର ଓ ମଙ୍ଗଳବାର ରଙ୍ଗାରଙ୍ଗ ପରିବେଶରେ ପ୍ରହରାଜପୁରସ୍ଥିତ ମା' ବାସୁଳୀ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

୨୦୦୮ରୁ ଗୁରୁ ପ୍ରଫୁଲ୍ଲ ବେହେରାଙ୍କ ପ୍ରତ୍ୟକ୍ଷ ସହାୟତାରେ ଏହି କଳାକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଆସୁଥିବା ବିଭିନ୍ନ କଳାକୃତି, ପୁଚି, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଆସୁଛି। ସମାଜସେବୀ ଗୁଣାଧର ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷକ ସୁକୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସତ୍ୟନାରାୟଣ ଦାସ, ସମିତିସଭ୍ୟା ଅଞ୍ଜଳି ବାରିକ, ବଂଶୀବାଦକ ଗୁରୁ ବୃନ୍ଦାବନ ବେହେରା, ସ୍ୱର୍ଗତ ଗୁରୁ ପ୍ରଫୁଲ୍ଲ ବେହେରାଙ୍କ ସହଧର୍ମିଣୀ ପରିବାଳା ବେହେରା ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଓଡ଼ିଶା-ପଶ୍ଚିମବଙ୍ଗ ଉପାନ୍ତରେ କଳା, ସଂସ୍କୃତି, ଓ ଭାଇଚାରାର ବିନିମୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କୁ ଏହି ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମୀର ବେହେରା, ମହେଶ୍ୱର ଘୋଷ, ପ୍ରବୋଧ ବାରିକ, ତପନ ପ୍ରମାଣିକ, ନିମାଇଁ ବାରିକ, ପ୍ରଦୀପ ସିଟ, ସୁଶୀଲ ପ୍ରଧାନ, ଗୋପରଞ୍ଜନ ସାମଲ, ଆତ୍ମାରାମ ଦାସ, ଚନ୍ଦନ ବେହେରାଙ୍କ ସହିତ ବାସୁଳୀମାତା କ୍ଲବର ସଭ୍ୟମାନେ ପରିଚାଳନା କରିଥିଲେ।




କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଉଛି।

# ଯୁବପିଢ଼ିଙ୍କ ପ୍ରେରଣା ଚିତ୍ରଶିଳ୍ପୀ ନାରାୟଣ

**ହରିନାରାୟଣ ମହାନ୍ତି**
**ବନ୍ତ,୧୮।୨**

ଦେଖିବା ମାତ୍ରେ ପେନ୍‌ସିଲ୍, କଲମ ମାଧ୍ୟମରେ ଅବିକଳ ଛବି ଆଙ୍କି ଦିଅନ୍ତି। ୭୭ ବର୍ଷ ବୟସରେ ବି ସେ ତାଙ୍କର ଏହି କଳାକୁ ଜାରି ରଖିଛନ୍ତି। ନିଜର କଳା ନୈପୁଣ୍ୟ ଓ କାର୍ଯ୍ୟ କରିବାର ନିଶାକୁ ଛାଡ଼ିପାରି ନାହାନ୍ତି। ଏହାବ୍ୟତୀତ ପୁରପଲ୍ଲୀର ବିକାଶ ପାଇଁ କଳା, ସାହିତ୍ୟ, ସଂସ୍କୃତି ଓ ନାଟକ ମାଧ୍ୟମରେ ଆହ୍ୱାନ ଦେଇଆସିଛନ୍ତି। ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ସେଣ୍ଡତୀରା ପଞ୍ଚାୟତ ମହାନ୍ତିଆ ଗ୍ରାମର ଚିତ୍ରଶିଳ୍ପୀ ନାରାୟଣ ଚନ୍ଦ୍ର ସେନାପତି।

ସେ କହନ୍ତି, ଚାଟଶାଳିରୁ ପାଠପଢ଼ା ଆରମ୍ଭ କରି ସେଣ୍ଡତୀରାସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠରେ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି। ପ୍ରାଥମିକ ଶିକ୍ଷା ସମୟରୁ ଚିତ୍ରକଳା, ହସ୍ତଶିଳ୍ପ, କୁଟୀର ଶିଳ୍ପ



ଚିତ୍ରଶିଳ୍ପୀ ନାରାୟଣ ଚନ୍ଦ୍ର ସେନାପତିଙ୍କ ଦ୍ୱାରା ଅଙ୍କିତ ପ୍ରତିଛବି।

ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିଶୁ ପାଲାକାର ଭାବେ ସୁନାମ ଅର୍ଜନ କରିଥିଲେ। ସଙ୍ଗୀତ, ନାଟକରେ ଶିଶୁ ଅଭିନେତା ଓ ଏକକ ଅଭିନୟ କରି ଦର୍ଶକଙ୍କ ମନ ଜିଣି ପାରିଥିଲେ। ଆର୍ଟ ଓ ଡ୍ରାମା ପାଇଁ ୨୦୧୭ରେ ଗଣଶିକ୍ଷା ବିଭାଗର ଭଦ୍ରକ ସ୍ଥିତ ରାଇମ୍ସ ପବ୍ଲିକ ସ୍କୁଲ ମାଧ୍ୟମରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ବିଭାଗରେ ଶିଶୁ କବିତା, ପ୍ରବନ୍ଧ, ଏକାଙ୍କିକା ରଚନା ସହିତ ଅଭିନୟ କରି ପ୍ରଶଂସା ସାଉଣ୍ଟିଛନ୍ତି। ବନ୍ତ ସ୍ଥିତ ଓଡ଼ିଶା ଅପେରା ଜରିଆରେ ରାଜ୍ୟ ଓ ରାଜ୍ୟ ବାହାରେ ଯାତ୍ରା ଜଗତକୁ ଆଧୁନିକୀକରଣ କରାଇ ସଫଳତା ଅର୍ଜନ କରିଛନ୍ତି। ଡାକ ବିଭାଗର ଚାକିରି ଛାଡ଼ି ୬୫ ବର୍ଷ ଧରି ସମାଜସେବା, କୃଷିର ଉନ୍ନତି, କ୍ରୀଡ଼ାର ବିକାଶ, ନାଟକ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି। ଏହାବାଦ୍ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଚାରଣ ଶିଳ୍ପୀ ଭାବେ ଝୋଟି, ମୁରୁଜ କଳାର ପ୍ରସାର ଲାଗି ମଧ କାର୍ଯ୍ୟ କରିଆସୁଛନ୍ତି। ସ୍ତ୍ରୀ, ୩ ପୁଅ, ଜଣେ ବୋହୂ ଓ ନାତିଙ୍କୁ ନେଇ ତାଙ୍କର ପରିବାର। ଜମିବାଡ଼ି କହିଲେ ସେଭଳି କିଛି ନାହିଁ। ସ୍ୱଳ୍ପ ଜମିରେ ଚାଷ ଉପରେ ପରିବାର ନିର୍ଭରଶୀଳ। ସରକାରଙ୍କ ପକ୍ଷରୁ ତାଙ୍କୁ ବର୍ଦ୍ଧିତ କଳାକାର ଭତ୍ତା ପ୍ରଦାନ କରାଗଲେ ପରିଣତ ବୟସରେ ନିଜର ଗୁଜୁରାଣ ମେଣ୍ଟାଇ ପାରନ୍ତେ ବୋଲି ସେ କହିଛନ୍ତି।

## ୬ ବାଲି ବୋଝେଇ ଡମ୍ପର ଜବତ

ସୋର, (ଡି.ଏନ୍.ଏ.): ସୋର ପୋଲିସ ସ୍ଥାନୀୟ ବରଫକଳ ଛକ ନିକଟରେ ଚଢ଼ାଉ କରି ଗୁରୁବାର ୬ଟି ବାଲି ବୋଝେଇ ଡମ୍ପର ଜବତ କରିବା ସହିତ ଏହାର ଡ୍ରାଇଭରମାନଙ୍କୁ ଅଟକ ରଖିଛି। ସୋର ଥାନା ଭାରପ୍ରାପ୍ତ ଅଧିକାରୀ ମଧୁମିତା ମହାନ୍ତି ଏବଂ ଏସ୍ଆଇ ଚନ୍ଦ୍ରଶେଖର ମହାନ୍ତି ନେତୃତ୍ୱରେ ଏକ ଟିମ୍ ଓଭରଲୋଡିଂ କରି ପରିବହନ କରୁଥିବା ୬ଟି ବାଲି ଏବଂ ଗୋଟିଏ ଚିପ୍ସ ବୋଝେଇ ଡମ୍ପରକୁ ଜବତ କରି ସୋର ଥାନାକୁ ଆଣିଥିଲେ। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କର ଜୟନ୍ତୀ ଉତ୍ସବ। ସ୍ଥାନ: ନୃତ୍ୟ କଳା ସଙ୍ଗୀତ ମନ୍ଦିର। ସମୟ: ପୂର୍ବାହ୍ନ ୯ଟା।
- ରୂପ୍ସା ବାହବଲପୁର ମତ୍ସ୍ୟଜୀବୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ। ସ୍ଥାନ: ବାହବଲପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ କାର୍ଯ୍ୟାଳୟ। ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଗରିବ କଲ୍ୟାଣ ଯୋଜନାର ସମୀକ୍ଷା। ସ୍ଥାନ: ବାସୁଦେବପୁର ବ୍ଲକ ଅଫିସ। ସମୟ: ପୂର୍ବାହ୍ନ ୧୦ଟା ୩୦।
- ୩୪ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୨ୟ ମ୍ୟାଚ୍। ସ୍ଥାନ: ନୀଳମଣି ମିନିଷ୍ଟାଡିୟମ, ଶୁଙ୍ଗୁଡ଼ା, ବାସୁଦେବପୁର। ସମୟ: ଅପରାହ୍ନ ୩ଟା।
- ଗାୟକ ପୀୟୁଷ ବିଶ୍ୱନାଥ ସ୍ୱାଇଁଙ୍କ ଦ୍ୱାରା ପାଲା ପରିବେଷଣ। ସ୍ଥାନ: ଭବାନୀଶଙ୍କର ମହାଦେବ ପ୍ରାଙ୍ଗଣ, ଭୈରବପୁର, ବାସୁଦେବପୁର। ସମୟ: ସନ୍ଧ୍ୟା ୬ଟା।
- ଭାଜପାର ବନ୍ଧୁମିଳନ ଓ ମିଶ୍ରଣ ପର୍ବ। ସ୍ଥାନ: ରହଣିଆ, ଭଣ୍ଡାରିପୋଖରୀ। ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟନ। ସ୍ଥାନ: ମଞ୍ଜୁରୀରୋଡ଼, ଡାକ୍ତରଖାନା ଖେଳପଡ଼ିଆ। ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଶିକ୍ଷାନୀତି ସମ୍ପର୍କିତ ଆଲୋଚନାଚକ୍ର। ସ୍ଥାନ: ମହୁରା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟ। ସମୟ: ପୂର୍ବାହ୍ନ ୧୦ଟା ୩୦।

**ମୟୂରଭଞ୍ଜ**
- ସପିଙ୍ଗ୍ ଫୁଡ୍ ଏକ୍ସପୋ ମେଳା। ସ୍ଥାନ-ବାରିପଦା କଲେଜ ପଡ଼ିଆ। ସମୟ: ପୂର୍ବାହ୍ନ ୯ଟା।
- ବିଭିନ୍ନ ସମସ୍ୟା ନେଇ ଭଞ୍ଜସେନାର ବିକ୍ଷୋଭ, ସ୍ଥାନ-ଜିଲାପାଳଙ୍କ ଅଫିସ ସମ୍ମୁଖ,ସମୟ: ପୂର୍ବାହ୍ନ ୧୧ଟା ୩୦।

# ପୁନରୁଦ୍ଧାର ନାଁରେ ବ୍ୟବସାୟ

ବାରିପଦା ଅଫିସ,୧୮।୨

■ମରଣଯନ୍ତା ପାଲଟିଲା ସ୍କୁଲ ପୋଖରୀ
■ସରକାର ହରାଉଛନ୍ତି ରାଜସ୍ୱ

ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲ(ଏମ୍ପିସି) ପରିସରରୁ ବେଆଇନ ମାଟି ଓ ମୋରମ ଉତ୍ତୋଳନ କରାଯିବା ପ୍ରତିବାଦରେ ଅଞ୍ଚଳବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। କୌଣସି ସରକାରୀ ନିର୍ଦ୍ଦେଶ ନ ଥାଇ ଶହ ଶହ ଟ୍ରିପ ମୋରମ ଉତ୍ତୋଳନ ହେଉଛି। ପୋଖରୀ ପୁନରୁଦ୍ଧାର ନାଁରେ ବ୍ୟବସାୟ ଚଳାଇ ଲକ୍ଷାଧିକ ଟଙ୍କା ରାଜସ୍ୱ ଲୁଟ୍ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ଖବୁଶୀଘ୍ର ଏହାର ତଦନ୍ତ କରି ବେଆଇନ ଉତ୍ତୋଳନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୋଖରୀକୁ ପୋତିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ ଘଟଣାର ତଦନ୍ତ ପାଇଁ ବେତନଟୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଅଞ୍ଚଳବାସୀ ଭେଟି ଘଟଣା ସମ୍ପର୍କରେ ଅବଗତ କରିଛନ୍ତି।

ସୂଚନା ଅନୁଯାୟୀ, ୧୯୪୬ରେ ୩ଏକରରୁ ଉର୍ଦ୍ଧ୍ୱ ଜମିରେ ଏମ୍ପିସି ହାଇସ୍କୁଲ ପ୍ରତିଷ୍ଠା ହୋଇଛି। ଏଠାରେ ୪୮୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସ୍କୁଲ ପରିସରରେ ଏକ ପୋଖରୀ ରହିଛି । ଏହି ପୋଖରୀର ପୁନରୁଦ୍ଧାର ନିମନ୍ତେ ପରିଚାଳନା ସମିତି ପକ୍ଷରୁ ସିଦ୍ଧାନ୍ତ ନିଆଯାଇଥିଲା । ତେବେ ପୋଖରୀ ପୁନରୁଦ୍ଧାର ପରିବର୍ତ୍ତେ ଏହାର ମାଟି ଓ ମୋରମକୁ ବେଆଇନ ଭାବେ ଖୋଳାଯାଇ ପ୍ରାୟ ୩୦ଫୁଟ ଗଭୀର କରିଦିଆଯାଇଛି। ଉକ୍ତ ମାଟି ଓ ମୋରମକୁ ସ୍କୁଲ ପରିସରରେ ରଖା ନ ଯାଇ ଜାତୀୟ ରାଜପଥରେ କାର୍ଯ୍ୟକରୁଥିବା ଏକ କମ୍ପାନୀକୁ ବିକ୍ରି କରାଯାଇଛି। ଫଳରେ ପୋଖରୀଟି ଏବେ ମରଣଯନ୍ତା ପାଲଟିଛି। ପୋଖରୀକୁ ଲାଗି ରହିଥିବା ସ୍କୁଲର ପାଚେରୀ ବିପଦ ସଙ୍କୁଳ ହୋଇପଡ଼ିଛି। ସେହିପରି ପୋଖରୀର ଗୋଟିଏ ପାର୍ଶ୍ୱରେ ଜାତୀୟ ରାଜପଥ ରହିଥିବା ବେଳେ ଅନ୍ୟପାର୍ଶ୍ୱ ପୂର୍ତ୍ତ ବିଭାଗ ରାସ୍ତାରେ ପ୍ରତିଦିନ ହଜାର ହଜାର ଯାନବାହନ ଚଳପ୍ରଚଳ କରୁଛି । ସାମାନ୍ୟ ଅସାବଧନତା ହେଲେ ପୋଖରୀ ମଧ୍ୟରେ ପଡ଼ି ଜୀବନହାନି ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଆଇନଜୀବୀ ହିମାଂଶୁ କୁମାର ପରିଡ଼ା, କୈଳାସ ଚନ୍ଦ୍ର ଅଗ୍ରୱାଲ, ଜନମନ ବେହେରା, ସୁଶାନ୍ତ କୁମାର ବଳ, ବିଶ୍ୱନାଥ ହେମ୍ବ୍ରମ, ସୁନୀଲ ଅଗ୍ରୱାଲ, ମଳୟ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ଖରାଦିନେ ବୁଲା ଜୀବଜନ୍ତୁ ପାଣି ପିଇବା ପାଇଁ ପୋଖରୀକୁ ଯାଇ ମୃତ୍ୟୁବରଣ କରିବାର ସମ୍ଭାବନା ମଧ୍ୟ ଦେଖାଦେଇଛି । ତେବେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସରକାର ପାଚେରୀ ନିର୍ମାଣ କରୁଥିବା ବେଳେ ପରିଚାଳନା ସମିତି ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକଳାପକୁ ସାଧାରଣରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପାତ୍ରଙ୍କୁ ପଚାରିବାରୁ ପରିଚାଳନା ସମିତିର ନିଷ୍ପତ୍ତି କ୍ରମେ ପୋଖରୀ ଖୋଳାଯାଇଛି। ସରକାରଙ୍କ ପକ୍ଷରୁ ଏନେଇ କୌଣସି ଆଦେଶ ନ ଥିବା ବେଳେ ଏଭଳି ଭୁଲକୁ ସୁଧାରିବେ ବୋଲି ସ୍ୱୀକାର କରିଛନ୍ତି। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ଏହାର ସମାଧାନ କରିବା ପାଇଁ ପୁରାତନ ଛାତ୍ର ସଂସଦ, ଅଞ୍ଚଳବାସୀ ଓ ଅଭିଭାବକ ମହଲରେ ଦାବି ହେଉଛି ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

## ଟ୍ରାକ୍ଟର ଦୁର୍ଘଟଣା: ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି

ସାରସକଣା,୧୮।୨

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ମୁରୁଣିଆ-ବାଗବୁଡ଼ା ପ୍ରଧାନମନ୍ତ୍ରୀ ସଡ଼କର ଢ଼ିପାସାହିଠାରେ ବୁଧବାର ରାତିର ଘଟିଥିବା ଟ୍ରାକ୍ଟର ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଘଟଣାସ୍ଥଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଶୀର୍ଷା ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଜଣେ ମହିଳା, ଜଣେ ନାବାଳିକା ଓ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବିଳମ୍ବିତ ରାତିରେ ବାରିପଦାସ୍ଥିତ ପିଆରଏମ୍ ମେଡ଼କଲାରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଲେ ଝାରପୋଖରିଆ ଥାନା ଗୋବିନ୍ଦପୁର ଅଞ୍ଚଳର ରାନୀ ମାରାଣ୍ଡି (୧୯), ବିଶୁ ହେମ୍ବ୍ରମ(୪୫), ଥିମୁ ମାରାଣ୍ଡି (୩୫), ନଟା ଅଞ୍ଚଳର ବୋଲି ମାରାଣ୍ଡି (୫୫) ଏବଂ ଝାଡ଼ଖଣ୍ଡ ରାଜ୍ୟ କଟୁଷୋଳ ଗ୍ରାମର ନୂତନ ମାରାଣ୍ଡି(ଦେଢ଼ ବର୍ଷ)।

ସୂଚନା ଅନୁଯାୟୀ, ବୁଧବାର ରାତି ୭:୩୦ ସମୟରେ ଡମଣ ସାହିରୁ ଆଦିବାସୀ ନୃତ୍ୟ (ଡୁବୁଲ ନୃତ୍ୟ) ପରିବେଷଣ କରି ଟ୍ରାକ୍ଟର ଯୋଗେ ୪୬ ଜଣ ମହିଳା ଓ ପୁରୁଷ ବାଗବୁଡା ନିକଟସ୍ଥ ଗୋବିନ୍ଦପୁର ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ରାସ୍ତାଠାରୁ ୧୦ ଫୁଟ୍ ତଳ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା। ଗୁରୁତର ଆହତମାନେ ପିଆରଏମ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଟ୍ରାକ୍ଟର ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଏସ୍ଆଇ ପଞ୍ଚାନନ ମହାନ୍ତି କହିଛନ୍ତି।

## ଜେଲ ଗଲେ ୩ ଲୁଟେରା

ରୂପ୍ସା, ୧୮।୨(ଡି.ଏନ.ଏ.)

**ରାଜପଥରେ ଛିନ୍ତାଇ**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ହଳଦୀପଦା ହନୁମାନ ମନ୍ଦିର ନିକଟରେ ଜଣେ ବାଇକ୍ ଆରୋହୀଙ୍କଠାରୁ ଲୁଟ୍ ଅଭିଯୋଗରେ ବସ୍ତା ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅଞ୍ଚଳର ସୁଶାନ୍ତ ଦେହୁରୀ, ଶହୀଦ ଖାନ୍ ଓ ସୁକୁରା ସିଂ। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ. ୪୭/୨୧) ରୁଜୁ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ଓ ୨ଟି ମୋବାଇଲ ଜବତ ହୋଇଛି। ଗତ ୧୬ତାରିଖ ରାତିରେ ବାଲେଶ୍ୱରର ଗୁଡୁପାହି ଅଞ୍ଚଳର ଶମ୍ଭୁନାଥ ସେଠୀ ବାଇକ୍ ଯୋଗେ ବସ୍ତା ଅଭିମୁଖେ ଆସୁଥିଲେ। ଏକ ବାଇକ୍ ଯୋଗେ ୩ଜଣ ଯୁବକ ଆସି ତାଙ୍କଠାରୁ ଏକ ଦାମୀ କ୍ୟାମେରା ଲୁଟ୍ କରି ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଶମ୍ଭୁନାଥ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ଅନୁଯାୟୀ ଏଏସ୍ଆଇ ଚିତ୍ତରଞ୍ଜନ ମହାନ୍ତି ଘଟଣାର ତଦନ୍ତ କରି ରାଜପଥରୁ ଲୁଟ୍ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି।

# କୃଷି ଆଇନ ପ୍ରତ୍ୟାହାର ପାଇଁ ରେଳରୋକୋ

କେନ୍ଦୁଝର/ଯୋଡ଼ା/ବଡ଼ବିଲ,୧୮।୨ (ସ୍ୱ.ପ୍ର./ଡି.ଏନ.ଏ.)

କୃଷି ଆଇନ ପ୍ରତ୍ୟାହୃତ ପାଇଁ ଦିଲ୍ଲୀରେ ଆନ୍ଦୋଳନରତ କୃଷକଙ୍କ ପ୍ରତି ପୋଲିସର ଆକ୍ରମଣ ତଥା ଶହିଦଙ୍କ ପରିବାରକୁ ଥଇଥାନ ଓ ସହାୟତା ଦାବିରେ ବାମପନ୍ଥୀ ସଙ୍ଗଠନ ପକ୍ଷରୁ ରେଳ ରୋକ ଆନ୍ଦୋଳନ କରାଯାଇଥିଲା ବୋଲି ଶ୍ରମିକ ନେତା ପୂର୍ଣ୍ଣ ଚନ୍ଦ୍ର ରାଉତ କହିଛନ୍ତି। ବ୍ୟାନର ଓ ପ୍ଲାକାର୍ଡ ଧରି ଆନ୍ଦୋଳନ କାରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦୁଝର ଗଡ଼ ରେଳ ଷ୍ଟେଶନ ସମେତ କେତେକ ସ୍ଥାନରେ ଆନ୍ଦୋଳନ ଯୋଗୁଁ ରେଳ ଚଳାଚଳ ବ୍ୟାହତ ହୋଇଥିଲା। ଫଳରେ କୁହାପଥର ପରିବହନ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଯୋଡ଼ାର ଜୁରୁଡି ରେଳ ଷ୍ଟେଶନ ଓବ ବଡ଼ବିଲରେ ଏହି ଆନ୍ଦୋଳନର ପ୍ରଭାବ ପଡିଥିଲା । ବଡବିଲ ରେଳ ଷ୍ଟେଶନରେ ମାଲବାହୀ ଟ୍ରେନ ସହ ଜନଶତାବ୍ଦୀ ହାଓଡା-ବଡବିଲ ଏକ୍ସପ୍ରେସ ଟ୍ରେନ ଅଟକି ରହିଥିଲା। ବଡବିଲ ଠାରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ, ଜିଲା ସମ୍ପାଦକ ବିଦ୍ୟାଧର ମହାନ୍ତ, ସହସମ୍ପାଦକ କପିଳ ପ୍ରସାଦ ମହାନ୍ତି, ହୃଦାନନ୍ଦ ପ୍ରଧାନ ଓ ଜୁରୁଡି ଠାରେ ଶ୍ରମିକ ନେତା କାହ୍ନୁଚରଣ ସାମଲ, ରାଜାରାମ ମୁଣ୍ଡା, ମହମ୍ମଦ ବଦ୍ରୁଜାମା, ଗୋବିନ୍ଦ ସାମଲ, ପ୍ରମୋଦ ଶୁକ୍ଳା ପ୍ରମୁଖଙ୍କ ସମେତ ବହୁ କର୍ମୀ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।



କେନ୍ଦୁଝର ରେଳଷ୍ଟେଶନରେ ଆନ୍ଦୋଳନକାରୀମାନେ ରେଲରୋକୋ କରି ବିକ୍ଷୋଭ କରୁଛନ୍ତି।

## ୮୮ ହଜାର ଲୁଟ

ବାରିପଦା ଅଫିସ,୧୮।୨

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବଳରାମପୁର ନିକଟରୁ ଜଣେ ବ୍ୟକ୍ତିଙ୍କ ବୋଲେରୋ ଗାଡ଼ିରୁ ୮୮ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୧୩୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଚାନ୍ଦୁଆ ଥାନା ଅଧୀନ ଝିନେଇ ଗ୍ରାମର ଭଗବାନ ଘୋଷ ବାରିପଦା ଷ୍ଟେଟବ୍ୟାଙ୍କ ଭଞ୍ଜପୁର ଶାଖାରୁ ୮୮ହଜାର ଟଙ୍କା ଉଠାଇ ବ୍ୟାଗ ଭିତରେ ରଖିଥିଲେ। ସେଠାରୁ ବୋଲେରୋରେ ଯାଇ ବଳରାମପୁର ନିକଟରେ ଗ୍ୟାସ ନେବା ପାଇଁ ଗାଡ଼ିରୁ ଓହ୍ଲାଇ ଥିଲେ। କିଛି ସମୟ ପରେ ଫେରି ଗାଡିର ଲକ୍ ଭାଙ୍ଗି ଟଙ୍କା ବ୍ୟାଗ ଲୁଟେରାମାନେ ନେଇଯାଇଥିବା ଜାଣିବାକୁ ପାଇଥିଲେ। ବ୍ୟାଗ ଭିତରେ ଥିବା ଏଟିଏମ କାର୍ଡ, ପାସ ବହି, ଚେକ୍ ବୁକ, ଗାଡ଼ିର କାଗଜପତ୍ର ଲୁଟେରା ନେଇ ଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ରେଲରୋକୋ ଯୋଗୁ ଯାତ୍ରୀ ହନ୍ତସନ୍ତ

ବାଲେଶ୍ୱର ଅଫିସ/ରାଇବଣିଆ, ୧୮।୨

ବାଲେଶ୍ୱର ରେଳଷ୍ଟେଶନରେ ଗୁରୁବାର କୃଷକ ସଂଘର୍ଷ ସମିତିର ଆହ୍ୱାନକ୍ରମେ ସହଯୋଗୀ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ୪ଘଣ୍ଟିଆ ରେଲରୋକୋ କରାଯାଇଛି। ଏନେଇ ଟ୍ରେନ୍‌ରେ ଯାତ୍ରା କରୁଥିବା ବହୁ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ରେଲୱେ ପକ୍ଷରୁ ଷ୍ଟେଶନ ପରିସରରେ ବ୍ୟାପକ ପୋଲିସ୍ ଓ ସୁରକ୍ଷାକର୍ମୀ ଉପସ୍ଥିତ ଥିଲେ। ବାଲେଶ୍ୱର ରେଳଷ୍ଟେଶନରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୁବନେଶ୍ୱର-ଦିଲ୍ଲୀ ରାଜଧାନୀ ସୁପରଫାଷ୍ଟ ଓ ହାୱଡ଼ା-ପୁରୀ ଧଉଳୀ ସୁପରଫାଷ୍ଟ ଟ୍ରେନ୍‌କୁ ଆନ୍ଦୋଳନକାରୀ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରି ଅଟକାଇଥିଲେ। ବିଭିନ୍ନ ସଙ୍ଗଠନ ତରଫରୁ ଶିଶିର ହୁଇ, ଗୌରାଙ୍ଗ ପାଣିଗ୍ରାହୀ, ନିର୍ମଳ ନାୟକ, ଭାଗବତ ପ୍ରତିହାରୀ ଓ ବିକାଶ ଦାସ ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ। ସେହିପରି ଜଳେଶ୍ୱର ଲକ୍ଷ୍ମଣନାଥ ଷ୍ଟେଶନରେ ରେଳରୋକୋ କରାଯାଇଥିଲା। କୃଷକ ସମନ୍ୱୟ ସମିତିର ସ୍ଥାନୀୟ ସଭାପତି ଦିଲୀପ କୁମାର ଗିରିଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ରେଳରୋକୋରେ ସାମିଲ ଥିଲେ।

## ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୧୮।୨: ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଚଳାଇ ୪ଘଣ୍ଟା ପରେ ଅପହୃତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଇରଙ୍ଗପୁର ଥାନା ବାଇନ୍ଦାଗୋପିର ରହସ ପାତ୍ର। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୩୭/୨୧) ରୁଜୁ ହୋଇଛି।

## ପୋଷ୍ଟାଲ ଗାଡ଼ି ଅଟକାଇ ଡ୍ରାଇଭରଙ୍କୁ ଦୁର୍ବ୍ୟବହାର: ଜଣେ ଗିରଫ

ଭଣ୍ଡାରିପୋଖରୀ, ୧୮।୨(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଫାଣ୍ଡି ଅଞ୍ଚଳରେ ଏକ ପୋଷ୍ଟାଲ ଗାଡ଼ିକୁ ଅଟକାଇ ଡ୍ରାଇଭରଙ୍କୁ ଦୁର୍ବ୍ୟବହାର ଓ ଉକ୍ତ ଗାଡ଼ିରୁ ଲୁଟ୍ ଉଦ୍ୟମ କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ମଡିଆଳି ଗ୍ରାମର ବସନ୍ତ ବେହେରା। ଏ ନେଇ ଥାନାରେ ଏକ ମାମଲା (ନଂ.୬୦/୨୧) ରୁଜୁ କରି ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଡ୍ରାଇଭର ଭଦ୍ରକ ସାବରଙ୍ଗ ଅଞ୍ଚଳର ତାରାକାନ୍ତ ଗିରିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବସନ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି।

## ଗଛ ପଡ଼ି ରାସ୍ତା ଅବରୋଧ



ଯୋଡା,୧୮।୨(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡା ପୌରପାଳିକାର ୨ ନଂ ୱାର୍ଡରେ ଏକ ବଡଗଛ ରାସ୍ତାରେ ପଡିବାରୁ ରାସ୍ତା ଅବରୋଧ ହୋଇଥିଲେ ହେଁ, ପୌରପାଳିକା ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର ଅଭିଯୋଗରେ କହିଛନ୍ତି, ଗତ ମଙ୍ଗଳବାର ଝଡ ତୋଫାନରେ ୨ ନଂ ୱାର୍ଡର ମହାକୁଡ ସାହି ରାସ୍ତାକଡରେ ଥିବା ଏକ ବଡଗଛ ରାସ୍ତା ଉପରେ ପଡିଥିଲା। ଫଳରେ ଉକ୍ତ ରାସ୍ତାଦେଇ ଛୋଟବଡ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ୨ ଦିନ ଧରି ରାସ୍ତା ଅବରୋଧ ହୋଇ ରହିଥିବାରୁ ସ୍ଥାନୀୟ ୱାର୍ଡବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏହାକୁ ଉଠାଇବା ପାଇଁ ପୌରପାଳିକା ପକ୍ଷରୁ ଦୃଷ୍ଟି ଦିଆଯାଉ ନାହିଁ। ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସରିଲା ନାମାଙ୍କନପତ୍ର ଦାଖଲ

ଭଦ୍ରକ ଅଫିସ, ୧୮।୨

**ଭଦ୍ରକ ବସ୍ ସିଣ୍ଡିକେଟ ନିର୍ବାଚନ**

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭଦ୍ରକ ବସ୍ ସିଣ୍ଡିକେଟର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବସ୍ ସିଣ୍ଡିକେଟର ସାଧାରଣ ସଭାରେ ଏକ ୩ଜଣିଆ ନିର୍ବାଚନ କମିଟି ଗଠନ କରଯାଇ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଗାନ୍ଧୀପଡ଼ିଆ ସ୍ଥିତ ସୀତାରାମ କଲ୍ୟାଣ ମଣ୍ଡପଠାରେ ୧୬ ଓ ୧୭ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାର ଥିଲା। ଗୁରୁବାର ପ୍ରାର୍ଥୀପତ୍ର ଯାଞ୍ଚ ଓ ପ୍ରତ୍ୟାହାର କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତଦନୁସାରେ ସଭ୍ୟମାନେ ନାମାଙ୍କନପତ୍ର ଦାଖଲ କରିଥିଲେ। କିନ୍ତୁ ଯୁଗ୍ମ ସମ୍ପାଦକ, ସହ ସମ୍ପାଦକ, ସହ କୋଷାଧ୍ୟକ୍ଷ ଓ ଏକଜିକ୍ୟୁଟିଭ ବଡ଼ି ନିମନ୍ତେ ନିଶିକାନ୍ତ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ସତ୍ୟରଞ୍ଜନ ସାହୁ, ପ୍ରଥମ ନାୟକ, ଇମ୍ତିୟାଜ ଅଲ୍ଲୀ ଖାଁ, ପ୍ରଦ୍ୟୁମ୍ନ ଲେଙ୍କା, ସରୋଜ ଧଳ, ଦାମୋଦର ପ୍ରସାଦ ପଟ୍ଟନାୟକ, ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଏକକ ନାମାଙ୍କନ ପତ୍ର ସମୟସୀମା ମଧ୍ୟରେ ଦାଖଲ କରିଥିବା ଓ ସେମାନଙ୍କ ବିରୋଧରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିଲେ। ଏଣୁ ସେମାନେ ନିର୍ଦ୍ୱନ୍ଦ୍ୱରେ ଉକ୍ତ ପଦ ପାଇଁ ନିର୍ବାଚିତ ଘୋଷଣା କରାଯାଇଛି। ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ନିମନ୍ତେ ଆସନ୍ତା ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସଭ୍ୟ ଯାଦବ କୁମାର ସାହୁ, ରତିକାନ୍ତ ସେନାପତି ଓ କମଳାକାନ୍ତ ପରିଡ଼ା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ବେଳେ ପ୍ରଶାସନ ପକ୍ଷରୁ କଡ଼ା ପୋଲିସ ପହରା ବ୍ୟବସ୍ଥା ହୋଇଥିଲା।

## ଜଳିଗଲା ୫ ବଖରା

ଭଦ୍ରକ ଅଫିସ, ୧୮।୨

ଭଦ୍ରକ ତହସିଲ ଅଧୀନ ଅସୁରା ହାଟସାହି ଗାଁରେ ଅଗ୍ନିକାଣ୍ଡ ଘଟି ୫ ବଖରା ଜଳିଯାଇଛି। ରାହାଞ୍ଚର ମିଳନ ପାଣ୍ଡୁଆଙ୍କ ୪ ଓ ମାୟାଧର ପାଣ୍ଡୁଆଙ୍କ ବଖରାଏ ଜଳିଯାଇଛି। ଘରେ ନିଆଁ ଲାଗିଥିବା ଦେଖି ୨ ପରିବାରର ଲୋକ ବାହାରକୁ ପଳାଇ ଆସିଥିଲେ। ଭଦ୍ରକ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଖବର ପାଇ ଭଦ୍ରକ ଭଗତସେନା ଓ କୋଡ଼ଗମ୍ଭୀର ଗାଁର ସମ୍ଭବ ଫାଉଣ୍ଡେଶନର ସଦସ୍ୟମାନେ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ରାଶନ ସାମଗ୍ରୀ ସହ ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଅଭୟାରଣ୍ୟରୁ ବୃଦ୍ଧାଙ୍କ ମୃତଦେହ ଜବତ

ସଜନାଗଡ଼, ୧୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା କୁଲଡିହା ଅଭୟାରଣ୍ୟରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରାଯାଇଛି। ବାଉଁଶବଣିଆ ଗ୍ରାମର ବିଳାସିନୀବନ୍ଧ ନିକଟରେ ଏହି ମୃତଦେହ ପଡିଥିବା ପୋଲିସ ଠାବ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ସ୍ଥାନୀୟ ଅଧିବାସୀ କୁଲଡ଼ିହା ହାତୀପଲ ଉତ୍ପାତ କରୁଥିବା ବେଳେ ମୃତଦେହ ନିକଟରେ ଭଙ୍ଗାଡାଳ ପଡ଼ିଛି। ଉକ୍ତ ମହିଳାଙ୍କୁ ହାତୀ ମାରିଥିବା ସନ୍ଦେହ କରାଯାଉଛି। ବନବିଭାଗ ଓ ପୋଲିସ ଏହାକୁ ଖଣ୍ଡନ କରିଛନ୍ତି। ନୀଳଗିରି ଆଇଆଇସି ପ୍ରଭଞ୍ଜନ ବେହେରା ଓ କୁଲଡିହା ରେଞ୍ଜର ବିଜୟ ମହାପାତ୍ର ତଦନ୍ତ ସମୟରେ ମୃତ ବୃଦ୍ଧା ନିକଟରେ ପାନିଆ, ଭଙ୍ଗାକାଚ, ପାଣିବୋତଲ ପଡ଼ିଥିବା ବେଳେ ବୃଦ୍ଧା ଜଣକ ମାନସିକ ବିକାରଗ୍ରସ୍ତ ହୋଇଥାଇପାରନ୍ତି ବୋଲି ସୂଚନା ଦେଇଛନ୍ତି। ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ କରି ଏକ ଅପମୃତ୍ୟୁ ମାମଲା (ନଂ. ୫/୨୧) ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡ଼ିକାଲକୁ ପଠାଯାଇଛି।

## ଖଡ଼ଗପୁର ଏକାଦଶ ବିଜୟୀ

ବାସୁଦେବପୁର,୧୮।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଶୁଙ୍ଗୁଡ଼ା ସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଗୁରୁବାର ଶ୍ରୀ ଗଣେଶ କ୍ଲବ ଆନୁକୂଲ୍ୟରେ ୩୪ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଖଡ଼ଗପୁର ଏକାଦଶ ଓ କେନ୍ଦୁଝର ମର୍ଣ୍ଣିଂଷ୍ଟାର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଖଡ଼ଗପୁର ଏକାଦଶ ୫-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ଅଶୋକ ଦାସ, ବିଡିଓ ପ୍ରଣବ ବେହେରା, ଯୁବ ଶିଳ୍ପଦ୍ୟୋଗୀ ଶୁଭେନ୍ଦୁ ଭୂଷଣ ବେହେରା, ଏସ୍‌ବିଆଇର ଶାଖା ପରିଚାଳକ ଦିଲୀପ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ଉପସଭାପତି ଦେବଦର୍ଶନ ଦାଶ, ସାଂସ୍କୃତିକ ସମ୍ପାଦକ ଉଦୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ପାଣି ପାଇଲେ ପିଢ଼ପୋଖରୀ ବନବାସୀ

କେନ୍ଦୁଝର, ୧୮।୨(ସ୍ୱ.ପ୍ର.)

ପାହାଡ ଜଙ୍ଗଲ ଘେରା କେନ୍ଦୁଝର ଜିଲାର ଅନେକ ଅଗମ୍ୟ ଅଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁବିଧା ନ ଥିଲେ ହେଁ ପ୍ରଶାସନର ଉଦ୍ୟମରେ କେତେକ ଅଞ୍ଚଳରେ ପାଇପ ଦ୍ୱାରା ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ମାଲାଙ୍ଗଟୋଲୀ ପାହାଡ ଉପରେ ଅବହେଳିତ ହୋଇ ରହିଥିବା ପିଢପୋଖରୀ ଗ୍ରାମର ବନବାସୀଙ୍କ ଘରେ ପିଇବା ପାଣି ପହଞ୍ଚିଛି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାଇପ ଜଳ ଯୋଗାଣ ପ୍ରକଳ୍ପରେ ପିଇବା ପାଣି ଯୋଗାଇଦେଇଛନ୍ତି। ବଣପାହାଡ ଅଞ୍ଚଳ ହୋଇଥିବାରୁ ଯଦିଓ ଏହା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥିଲେ ହେଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ଏହି ପ୍ରକଳ୍ପ ନିର୍ମାଣ କରି ପିଇବା ପାଣି ପହଞ୍ଚାଯାଇଛି।

ପ୍ରକାଶ ଯେ ଉକ୍ତ ଗ୍ରାମରେ ପାଖାପାଖି ୨୦୦ ଆଦିବାସୀ ପରିବାର ବସବାସ କରୁଛନ୍ତି। ପାନୀୟ ଜଳ ଅଭାବରୁ ଆଗରୁ ଦୂରରୁ ଝରଣା ପାଣି ବ୍ୟବହାର କରୁଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ହେଉଥିଲେ ହେଁ ତାହା ପର୍ଯ୍ୟାପ୍ତ ନ ଥିଲା ଏବଂ ସେମାନଙ୍କ ଆବଶ୍ୟକତା ପୂରଣ ହୋଇ ପାରୁନଥିଲା। ଏଣୁ ଜିଲାପାଳ ଆଶୀଷ କୁମାର ଠାକରେ ସେମାନଙ୍କୁ ପାଇପ ଦ୍ୱାରା ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନେଇଥିଲେ। ୨୦୧୮ ମସିହାରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ପ୍ରାୟ ୨.୬୩ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କାମ ହୋଇଥିଲା। ପାଖ ଝରଣା ଜଳକୁ ପ୍ରାୟ ୩୦୦ ଫୁଟ ଉପରକୁ ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ପମ୍ପ ଦ୍ୱାରା ଓଭରହେଡ ଟାଙ୍କିକୁ ଉଠାଯାଉଛି। ସେଠାରୁ ପାଇପ ଦ୍ୱାରା ସମସ୍ତ ଘରକୁ ପିଇବା ପାଣି ଯୋଗାଇ ଦିଆଯାଉଛି। ଏହାର ତଦାରଖ ଖୋଦ ଜିଲାପାଳ କରିଛନ୍ତି। ଏହା ଦ୍ୱାରା ସେମାନଙ୍କ ଜଳ ସମସ୍ୟା ଦୂର ହେବା ସହ ସେମାନଙ୍କ ବିକାଶରେ ସହାୟକ ହୋଇଛି ବୋଲି ଜିଲାପାଳ କହିଛନ୍ତି ।


ମାଲାଙ୍ଗଟୋଲୀ ପାହାଡ ଉପରେ ଥିବା ପାନୀୟଜଳ ପ୍ରକଳ୍ପ।

